# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 September – 2025**

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ - ପ୍ରସ୍ତୁତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେବା ପର୍ବ ଅବସରରେ ଝାରସୁଗୁଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜନସମାବେଶକୁ ସମ୍ବୋଧନ ଦେବେ। ଏହି ଅବସରରେ ଶ୍ରୀ ମୋଦୀ ୬୦ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ କରିବେ । ସେଥିମଧ୍ୟରେ ୧ ହଜାର ୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହା ବ୍ୟତୀତ ଦେଶର ୮ଟି ଆଇଆଇଟିର ସଂପ୍ରସାରଣ ନେଇ ଘୋଷଣା କରିବେ ।

ପ୍ରଧାନମନ୍ତ୍ରୀ ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୫୦ହଜାର ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିବେ । ଶ୍ରୀ ମୋଦୀ ଭୁବନେଶ୍ୱର ଆଇଆଇଟି ସହଯୋଗରେ ସେମିକଣ୍ଡକ୍ଟର ଏବଂ ଇଏସ୍‌ଡିଏମ୍ ପାର୍କ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ଦ୍ୱାରା ସ୍ୱଦେଶୀ ଫୋର୍-ଜି ସେବାର ମଧ୍ୟ ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଚାଟ୍‌ବଟ୍

ରାଜ୍ୟ ସରକାର ମେଟା ର ସହଭାଗିତାରେ ଆମସାଥୀ ନାମକ ଏକକୀକୃତ ହ୍ୱାଟ୍‌ସଆପ୍ ଚାଟ୍‌ବଟ୍ ର ଶୁଭାରମ୍ଭ କରିଛନ୍ତି । ଏହା ମାଧ୍ୟମରେ ରାଜ୍ୟର ୪ କୋଟି ୫୦ଲକ୍ଷ ଲୋକଙ୍କୁ୧୨୦ଟି ନାଗରିକ ସେବା ସହଜରେ ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଚି ।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି । ଏହା ଆଜି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କୋରାପୁଟ, ନୟାଗଡ଼, ମାଲକାନଗିରି, ନୂଆପଡ଼ା ଜିଲ୍ଲାରେ ଆଜି ପାଇଁ ସ୍କୁଲ୍ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । କଳାହାଣ୍ଡି ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବର୍ଷା ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଲଘୁଚାପ ଜନିତ ବର୍ଷାର ମୁକାବିଲା ନେଇ ୧୭ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ସମୀକ୍ଷା କରିଛନ୍ତି । ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ

ବନ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥାନରେ ଓଡ୍ରାଫ୍, ଅଗ୍ନିଶମ ବାହିନୀକୁ ମୁତୟନ କରାଯିବ । ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରି ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

**V/O**

---

# ମହଙ୍ଗାଭତ୍ତା

ରାଜ୍ୟ ସରକାରୀ ପିଏସ୍‌ୟୁ କର୍ମଚାରୀଙ୍କ ମହଙ୍ଗା ଭତ୍ତା-ଡିଏ ୨ ପ୍ରତିଶତ ବୃଦ୍ଧି କରାଯାଇଛି । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବର୍ଦ୍ଧିତ ଡି.ଏ. ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ ।

---

# ଉପନିର୍ବାଚନ ପ୍ରସ୍ତୁତି ବୈଠକ

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ପାଇଁ ପ୍ରସ୍ତୁତି ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

---

# ଓଟିଇଟି

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଟିଇଟି ଆଜି ଅନୁଷ୍ଠିତ ହେଉଛି । ଦୁଇଟି ପର୍ଯ୍ୟାୟରେ ସକାଳ ୯ଟାରୁ ରାଜ୍ୟର ୧୯୩ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ବୈଠକ

ଖୋର୍ଦ୍ଧା ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅତିରିକ୍ତ କୋଠା ଓ ଜିଲ୍ଲାପରିଷଦର ନବନିର୍ମିତ ସଭାଗୃହକୁ ଉଦ୍‌ଘାଟନ କରିଥିଲେ ।

## ଛତର ଯାତ୍ରା

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଆସନ୍ତା ୩୦ ତାରିଖରେ ଭବାନୀପାଟଣାଠାରେ ଆୟୋଜିତ ହେବ । ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ କ୍ଷେତ୍ର ପରିଦର୍ଶନ କରି ଛତର ଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ।

## ସଚେତନତା ବୈଠକ

ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରାକ୍ ଗର୍ଭଧାରଣ ଓ ପ୍ରସବ ପୂର୍ବ ନିଦାନ ଆଇନ ସଂପର୍କିତ ସଚେତନତା ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଲିଙ୍ଗ ନିରୂପଣ ଜନିତ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ଆଲୋଚନା ହୋଇଥିଲା ।

## ଆଲୋଚନା

କେନ୍ଦ୍ରାପଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ

ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୌନ ନିର୍ଯାତନା ଆଇନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହୋଇଥିଲା ।

# ସ୍ୱାସ୍ଥ୍ୟ ଶିବିର

ମାଲକାନଗିରିରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଉପଲକ୍ଷେ ଏକ ସ୍ୱାସ୍ଥ୍ୟଶିବିର ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୨୪୫ରୁ ଅଧିକ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନ ଏବଂ ସ୍ଥାୟୀ ପରିବର୍ତ୍ତନର** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି । ଦେଶର ଅର୍ଥନୀତିକୁ ସୁଦୃଢ଼ କରାଇବା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।